କୁଛିୟାପାନ୍

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଅଗଷ୍ଟ 26,1996

[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ:

*ରେଳବାଇ ପ୍ରତିଷ୍ଠାନ ପ୍ରକରଣ ପୁସ୍ତିକା – ନିୟମାବଳୀ 302, 306 – ନିୟମିତ ଭାବରେ ପଦୋନ୍ନତି ପାଇଥିବା ସେବାରେ ଥିବା ପ୍ରାର୍ଥୀ ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ଚୟନ ହୋଇଥିବା ପ୍ରାର୍ଥୀଙ୍କ ପରସ୍ପର ମଧ୍ୟରେ ଥିବା ବରିଷ୍ଠତା –କୁହାଗଲା, ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରଥମ ପ୍ରବେଶ ଏବଂ ପଦବୀରେ ଯୋଗଦାନ ତାରିଖ ହେଉଛି ନିର୍ଣ୍ଣାୟକ – ପଦୋନୀତ ବ୍ୟକ୍ତିଙ୍କ ପାଇଁ ଏହି ପ୍ରକ୍ରିୟା ସମାପ୍ତ ହେବା ପରେ ସେମାନେ ଯେଉଁ ତାରିଖରେ ପଦବୀରେ କାର୍ଯ୍ୟ ଆରମ୍ଭ କରିବେ, ତାହା ହେବ – ପଦୋନୀତ ବ୍ୟକ୍ତି ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପରସ୍ପର ମଧ୍ୟରେ ଥିବା ବରିଷ୍ଠତା ଅବଧାରଣ କରିବାରେ ନିୟମ 306 ଅନ୍ତର୍ଗତ ନିର୍ଣ୍ଣାୟକ ପ୍ରଯୁଜ୍ୟ ନୁହେଁ ।*

ଦେୱାନୀ ଅପିଲ ଅଧିକାରିତା: ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 18584/1996 ।

ଓ.ଏ. ସଂଖ୍ୟା 1470/1993 ରେ ମାଡ୍ରାସସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ତା 30.1.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏସ୍. ମୁରଲୀଧର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରାଗଲା ।

ଏହି ଏସ୍ ଏଲ୍ ପି, ଜାନୁଆରୀ 30, 1996 ରେ ଓ ଏ ସଂଖ୍ୟା 1470/93 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସ ବିଚାରପୀଠଙ୍କ ଆଦେଶ ବିରୋଧରେ ଦାଖଲ କରାଯାଇଛି । ସ୍ୱୀକୃତ ସ୍ଥିତି ହେଉଛି ଯେ, ଆବେଦନକାରୀଙ୍କ ସମେତ ଅନ୍ୟମାନେ 25% ଆରକ୍ଷଣ ଅଧୀନରେ ପଦୋନ୍ନତି ପାଇଁ ଆଭ୍ୟନ୍ତରୀଣ ଚୟନ ଦ୍ୱାରା ମନୋନୀତ ହୋଇଥିଲେ । ନିଃସନ୍ଦେହରେ, ଚୟନ ପ୍ରକ୍ରିୟା 1988 ରେ ଆରମ୍ଭ ହୋଇଥିଲା କିନ୍ତୁ ପ୍ରକୃତରେ ପଦଧାରୀମାନେ ଅକ୍ଟୋବର 1990 ରେ ପଦୋନ୍ନତି ପଦବୀରେ ଯୋଗ ଦେଇଥିଲେ ।

ଯଦିଓ ସର୍ବସାଧାରଣମାନଙ୍କ ଭିତରୁ ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ 25% ଆରକ୍ଷଣ ଅଧୀନରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା 1989 ରେ ଆରମ୍ଭ ହୋଇଥିଲା, ଅଗଷ୍ଟ 1990 ରେ ଆବେଦନକାରୀ ଏବଂ ଅନ୍ୟମାନଙ୍କ ପୂର୍ବରୁ ଚୟନ ପ୍ରକ୍ରିୟା ସମାପ୍ତ ହେବା ପରେ ସେମାନେ ପଦବୀରେ ଯୋଗଦାନ କରିବାକୁ ଆସିଥିଲେ। ଆବେଦନକାରୀମାନେ ସେମାନଙ୍କ ଉପରେ ବରିଷ୍ଠତା ଦାବି କରିଥିଲେ । ନ୍ୟାୟାଧିକରଣ ସେମାନଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ତେଣୁ, ଏହି ଏସ୍ ଏଲ୍ ପି ।

ଆବେଦନକାରୀମାନଙ୍କ ପାଇଁ ଭାରତୀୟ ରେଳବାଇ ପ୍ରତିଷ୍ଠାନ ପ୍ରକରଣ ପୁସ୍ତିକାର ନିୟମ 306 ସହିତ ପଢାଯାଇଥିବା ନିୟମ 302 ଉପରେ ନିର୍ଭର କରି ଯୁକ୍ତି କରାଯାଇଛି ଯେ, ଯେହେତୁ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା ପୂର୍ବରୁ କରାଯାଇଥିଲା, ଆବେଦନକାରୀ ପ୍ରତ୍ୟକ୍ଷ ନିଯୁକ୍ତି ଉପରେ ବରିଷ୍ଠତା ପାଇବାକୁ ହକଦାର ଯେହେତୁ ସେମାନେ ଉତ୍ତରଦାତାଙ୍କଠାରୁ ପୂର୍ବରୁ ଚୟନ ହୋଇଥିଲେ ଏବଂ ତେଣୁ, ସେମାନଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ବରିଷ୍ଠ କରାଯିବା ଉଚିତ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଇନାହୁଁ । ନିୟମ 302 ନିମ୍ନଲିଖିତ ଭାବରେ ପଢାଯାଏ:

> "302.ପ୍ରାରମ୍ଭିକ ନିଯୁକ୍ତି ପଦକ୍ରମରେ ବରିଷ୍ଠତା – ଯଦି ଅନ୍ୟଥା ନିର୍ଦ୍ଦିଷ୍ଟ ଭାବରେ କୁହାଯାଇନଥିଲେ, ଏକ ଶ୍ରେଣୀରେ ଏକ ପଦବୀରେ ପଦଧାରୀମାନଙ୍କ ମଧ୍ୟରେ ବରିଷ୍ଠତା ପଦକ୍ରମରେ ନିଯୁକ୍ତି ତାରିଖ ଦ୍ୱାରା ପରିଚାଳିତ ହୁଏ । ପ୍ରାରମ୍ଭିକ ଦରମାଠାରୁ ଅଧିକ ଦରମା ମଞ୍ଜୁର, ଏକ ନିୟମ ଅନୁସାରେ, ନିୟମିତ ପଦବୀ ବିରୋଧରେ ପୂର୍ବରୁ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କ ଊର୍ଦ୍ଧ୍ୱରେ ଜଣେ ରେଳବାଇ କର୍ମଚାରୀଙ୍କୁ ବରିଷ୍ଠତା ପ୍ରଦାନ କରିବା ଉଚିତ ନୁହେଁ । ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ଆଂଶିକ ଭାବେ ପଦୋନ୍ନତି ଦ୍ୱାରା ଆଂଶିକ ଭାବରେ ପୂରଣ ହୋଇଥିବା ପଦବୀ ବର୍ଗରେ, ବରିଷ୍ଠତା ଅବଧାରଣ ପାଇଁ ନିର୍ଣ୍ଣାୟକ ନୀତି ପଦୋନୀତ ବ୍ୟକ୍ତିଙ୍କ କ୍ଷେତ୍ରରେ ଯଥୋଚିତ ପ୍ରକ୍ରିୟା ପରେ ନିୟମିତ ପଦୋନ୍ନତି ତାରିଖ ଏବଂ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ଯଥୋଚିତ ପ୍ରକ୍ରିୟା ପରେ କାର୍ଯ୍ୟରତ ପଦବୀରେ ଯୋଗଦାନ ତାରିଖ ହେବା ଉଚିତ, ଯାହା ପଦୋନୀତ ବ୍ୟକ୍ତି ଏବଂ ପ୍ରତ୍ୟକ୍ଷ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ପରସ୍ପର ମଧ୍ୟରେ ବରିଷ୍ଠତା ବଜାୟ ରଖିବା ଉପରେ ବଶବର୍ତ୍ତୀ ହୁଏ । ଯେତେବେଳେ ପଦୋନ୍ନତିପ୍ରାପ୍ତ ରେଳବାଇ କର୍ମଚାରୀ ଏବଂ ପ୍ରତ୍ୟକ୍ଷ ନିଯୁକ୍ତିପ୍ରାପ୍ତଙ୍କ ଏକ ପଦକ୍ରମରେ ପ୍ରବେଶ ତାରିଖ ସମାନ ଥାଏ, ସେମାନଙ୍କୁ ବିକଳ୍ପ ପଦବୀରେ ରଖାଯିବା ଉଚିତ, ପଦୋନୀତ ବ୍ୟକ୍ତିମାନେ ପ୍ରତ୍ୟକ୍ଷ ନିଯୁକ୍ତିପ୍ରାପ୍ତଙ୍କ ତୁଳନାରେ ବରିଷ୍ଠ ହୋଇଥିବାରୁ, ପ୍ରତ୍ୟେକ ବର୍ଗର *ପରସ୍ପର ମଧ୍ୟରେ* ବରିଷ୍ଠତା ବଜାୟ ରଖିବା ଉଚିତ ।"

ଟିପ୍ପଣୀ – ଯଦି କୌଣସି ପ୍ରତ୍ୟକ୍ଷ ନିଯୁକ୍ତିର ପ୍ରଶିକ୍ଷଣ ଅବଧିକୁ ସେବାର ଆବଶ୍ୟକତା ଅନୁଯାୟୀ ହ୍ରାସ କରାଯାଏ, ତେବେ ଏପରି ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ ପଦବୀରେ ଯୋଗଦାନ ତାରିଖ ହେବ, ଯେଉଁ ତାରିଖରେ ଆମେ ସାଧାରଣତଃ ନିର୍ଦ୍ଧାରିତ ପ୍ରଶିକ୍ଷଣ ଅବଧି ସମାପ୍ତ ହେବା ପରେ ଏକ କାର୍ଯ୍ୟରତ ପଦବୀକୁ ଆସିଥାନ୍ତୁ ।

(No.E (NG) 1-78-SR-6-42 dt. 7.4.1982 ACS 132)

ସେହିପରି, ନିୟମ 306 ନିମ୍ନଲିଖିତ ଭାବରେ ପଢାଯାଏ:

"306. ଅନୁଚ୍ଛେଦ 305 ଦ୍ୱାରା ଅନ୍ତର୍ଭୁକ୍ତ ମାମଲା ବ୍ୟତୀତ, ପୂର୍ବବର୍ତ୍ତୀ ଚୟନରେ ନିଯୁକ୍ତି ପାଇଁ ଚୟନ ହୋଇଥିବା ପ୍ରାର୍ଥୀମାନେ ମୁତୟନ ତାରିଖ ନିର୍ବିଶେଷରେ, ପରବର୍ତ୍ତୀ ଚୟନ ହୋଇଥିବା ପ୍ରାର୍ଥୀଙ୍କ ଠାରୁ ବରିଷ୍ଠ ହେବେ ।"

ଏହି ନିୟମାବଳୀର ପଠନ ଦ୍ୱାରା ସ୍ପଷ୍ଟ ଭାବରେ ସୂଚିତ ହେବ ଯେ, ଚୟନ ପ୍ରକ୍ରିୟାର କୌଣସି ପ୍ରାସଙ୍ଗିକତା ନାହିଁ । ଚୟନ ପ୍ରକ୍ରିୟା ସମୟରେ ନିୟମିତ ଭାବରେ ପଦୋନ୍ନତି ପାଇଥିବା ସେବାରେ ଥିବା ପ୍ରାର୍ଥୀ ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ଚୟନ କରାଯାଇଥିବା ପ୍ରାର୍ଥୀଙ୍କ *ପରସ୍ପର ମଧ୍ୟରେ* ବରିଷ୍ଠତା ଅବଧାରଣ କରିବାରେ ପ୍ରାସଙ୍ଗିକ ହେଉଛି ଯେ, ପୂର୍ବୋକ୍ତ କ୍ଷେତ୍ରରେ ବରିଷ୍ଠତା, ପ୍ରକ୍ରିୟା ସମାପ୍ତ ହେବା ପରେ କାର୍ଯ୍ୟରତ ପଦବୀରେ ଯୋଗଦାନ ତାରିଖ ଠାରୁ ଆରମ୍ଭ ହୋଇଥାଏ, ଯେତେବେଳେ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ସେମାନଙ୍କ *ପରସ୍ପର ମଧ୍ୟରେ* ବରିଷ୍ଠତା ପଦକ୍ରମରେ ପ୍ରବେଶ ତାରିଖ ଠାରୁ ଆରମ୍ଭ ହୋଇଥାଏ । ତେଣୁ, ପ୍ରତ୍ୟକ୍ଷ ନିଯୁକ୍ତି ସମ୍ବନ୍ଧରେ, ପ୍ରଥମ ପ୍ରବେଶ ଏବଂ ପଦବୀରେ ଯୋଗଦାନ ତାରିଖ ହେଉଛି ନିର୍ଣ୍ଣାୟକ, ପଦୋନୀତ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ସେହି ତାରିଖ ହେବ ଯେଉଁ ଦିନ ସେମାନେ ପ୍ରକ୍ରିୟା ସମାପ୍ତ କରିବା ପରେ ପଦବୀରେ କାର୍ଯ୍ୟ ଆରମ୍ଭ କରନ୍ତି । ଏହା ବିବାଦରେ ନାହିଁ ଯେ, ପ୍ରକ୍ରିୟା ସମାପ୍ତ କରିବା ପାଇଁ ପ୍ରଶିକ୍ଷଣ ହେଉଛି ସର୍ତ୍ତାବଳୀ ମଧ୍ୟରୁ ଗୋଟିଏ ଅଟେ । ପ୍ରଶିକ୍ଷଣ ସମାପ୍ତ ନହେବା ପର୍ଯ୍ୟନ୍ତ, ସେମାନେ ପଦୋନ୍ନତି ପଦବୀରେ ନିୟମିତ ଭାବରେ କାର୍ଯ୍ୟ କରିପାରିବେ ନାହିଁ ।

ନିୟମ 306 ସମ୍ବନ୍ଧରେ, ଏହା ଏପରି ଏକ କ୍ଷେତ୍ରକୁ ନିୟନ୍ତ୍ରିତ କରିଥାଏ ଯେଉଁଠାରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ପରବର୍ତ୍ତୀ ସମୟରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କ ପାଇଁ ପୂର୍ବରୁ ନିଯୁକ୍ତି ଦିଆଯାଇଥିଲା ଏବଂ ମୁତୟନ ତାରିଖ ନିର୍ବିଶେଷରେ ପୂର୍ବତନ ପ୍ରାର୍ଥୀମାନେ ପରବର୍ତ୍ତୀ ଚୟନିତ ପ୍ରାର୍ଥୀଙ୍କ ଠାରୁ ବରିଷ୍ଠ ହୁଅନ୍ତି । ପଦୋନୀତ ବ୍ୟକ୍ତି ଏବଂ ପ୍ରତ୍ୟକ୍ଷ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କ *ପରସ୍ପର ମଧ୍ୟରେ* ବରିଷ୍ଠତା ଅବଧାରଣ କରିବା କ୍ଷେତ୍ରରେ ସେହି ନିର୍ଣ୍ଣାୟକ ନୀତି ପ୍ରଯୁଜ୍ୟ ନୁହେଁ । ତେଣୁ,

ନ୍ୟାୟାଧିକରଣ,ଦାବିକୁ ପ୍ରତ୍ୟାଖ୍ୟାନ କରିବାରେ ଠିକ ଥିଲେ । ତେଣୁ, ଏହା, ହସ୍ତକ୍ଷେପ ଆବଶ୍ୟକ କରେ ନାହିଁ ।

ସେହି ଅନୁଯାୟୀ ଏସ୍ ଏଲ୍ ପି କୁ ଖାରଜ କରାଯାଇଛି ।

ଜି.ଏନ୍. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**